# ସତ୍ୟବାଣୀ

# THE WORD OF TRUTH

An Oriya Bimonthly Bulletin published by the

**CHURCH OF CHRIST**

SEPTEMBER & OCTOBER 2019

# THE VOICE OF TRUTH

Edited and Published By
***Joshua & Kabita Gootam***

**CHURCH OF CHRIST**
P.O. Box - 80, Kakinada, A.P. 533 001.
Ph : 0884-2363722

**Vol-25. Sept. & Oct. 2019. No-5**

*Published every two months in **Oriya** language for the Restoration of the pure New Testament Christianity*

*Write for free Bible Correspondence course*
*in*
*Telugu & Oriya to :*

**The Director**
Bible Correspondence Course
P.O.Box. 80, KAKINADA - 533 001. A.P.

# ସତ୍ୟବାଣୀ
# VOICE OF TRUTH

VOL - XXV KAKINADA SEP-OCT-2019


## ଏଦନ ଉଦ୍ୟାନରେ ଆଦମ (ଆଦି ୨:୭-୨୫)
### (Adam in Eden)

ସଦାପ୍ରଭୁ ପରମେଶ୍ୱର ଭୂମିର ମାଟି ଦ୍ୱାରା ଆଦମକୁ ନିର୍ମିତ ନିର୍ମାଣ କରି, ଆପଣା ପ୍ରସ୍ତୁତ ଏଦନ ଉଦ୍ୟାନରେ ରଖିଲେ । ଏଦନ ପଦର ଅର୍ଥ ''ଆନନ୍ଦଦାୟକ'', ''ସଦାପ୍ରଭୁ ପରମେଶ୍ୱର ସେହି ଭୂମିରୁ ନାନା ଜାତୀୟ ସୁଖାଦ୍ୟ ବୃକ୍ଷ, ପୁଣି ସେହି ମଧ୍ୟସ୍ଥାନରେ ଅମୃତବୃକ୍ଷ ଓ ସଦସତ୍ ଜ୍ଞାନଦାୟକ ବୃକ୍ଷ ଉତ୍ପନ୍ନ କଲେ ।'' (୮ମ ପଦ) । ସୁନ୍ଦର ପୁଷ୍ପ, ବୃକ୍ଷ, ଫଳ ଅତି ସନ୍ତୋଷଦାୟକ ଓ ସୁଗନ୍ଧରେ ପରିପୂର୍ଣ୍ଣ । ''......ସେ (ସଦାପ୍ରଭୁ) ତାହାର ପ୍ରାନ୍ତରକୁ ଏଦନ ତୁଲ୍ୟ ଓ ତାହାର ମରୁଭୂମି କି ସଦାପ୍ରଭୁଙ୍କ ଉଦ୍ୟାନ ତୁଲ୍ୟ କରିଅଛନ୍ତି; ଆନନ୍ଦ ଓ ଉଲ୍ଲାସ, ଧନ୍ୟବାଦ ଓ ସଙ୍ଗୀତଧ୍ୱନୀ ତହିଁ ତହିଁ ମଧ୍ୟରେ ହେବ ।'' (ଯିଶାଇୟ ୫୧:୩) । ଆମ୍ଭମାନଙ୍କ ଦେଶ ଓ ପ୍ରଦେଶରେ ଅନେକ ସୁନ୍ଦର ଉଦ୍ୟାନ ରହିଅଛି, ଯେଉଁଠାରେ ଆମ୍ଭେମାନେ ଆନନ୍ଦରେ ସମୟ ବିତାଇଥାଉ ।

''ଉଦ୍ୟାନର ଜଳସେଚନାର୍ଥେ ଏଦନରୁ ଏକ ନଦୀ ନିର୍ଗତ ହୋଇ ସେହି ସ୍ଥାନରୁ ଭିନ୍ନ ଭିନ୍ନ ଚାରିଧାର ହେଲା । ପ୍ରଥମ ନଦୀର ନାମ ପିଶୋନ (ପୂର୍ଣ୍ଣ ସ୍ରୋତ), ତାହା ସ୍ୱର୍ଣ୍ଣଦାୟକ ହବିଲା ଦେଶସମୂହକୁ ବେଷ୍ଟନ କଲେ । ସେହି ଦେଶର ସୁବର୍ଣ୍ଣ ଉତ୍ତମ, ପୁଣି ସେଠାରେ ମୁକ୍ତା ଓ ଗୋମେଦକ ମଣି ଜନ୍ମଇ । ଦ୍ୱିତୀୟ ନଦୀର ନାମ ଗୀହୋନ (ଉଚ୍ଛଳ ପ୍ରବାହ) । ଏହା ସମସ୍ତ କୂଶ ଦେଶ ବେଷ୍ଟନ କରେ । ତୃତୀୟ ନଦୀର ନାମ ହିଦ୍ଦେକଲ (ତୀବ୍ର ରୂପେ ପ୍ରବାହ), ଏହା ଅଶ୍ୱରୀୟ ଦେଶର ସମ୍ମୁଖ ଦେଇ ଗମନ କରେ । ଚତୁର୍ଥ ନଦୀର ନାମ ଫରାତ (Euphrates ଅର୍ଥାତ୍ ମଧୁର ଜଳନଦୀ) ଆଦି ୨:୯-୧୫ ।

ଏଦନ ଏକ ଆହ୍ଲାଦମୟ ଈଶ୍ୱରଙ୍କ ଦ୍ୱାରା ରୋପିତ ଉଦ୍ୟାନ ଥିଲା । ଏହା ସ୍ୱର୍ଗୀୟ ପାରଦୀଶର ଏହି ସୁନ୍ଦର ଉଦ୍ୟାନର ସଦାପ୍ରଭୁ ପରମେଶ୍ୱର ଆଦମକୁ ରଖିଥିଲେ । ସଦାପ୍ରଭୁ ପରମେଶ୍ୱର ତାହାଙ୍କୁ ତିନୋଟି ବିଷୟ ଦେଇଥିଲେ । ସେଗୁଡ଼ିକ ହେଲା :- (୧) Word (ବାକ୍ୟ), (୨) Work (କାର୍ଯ୍ୟ), (୩) Wife (ଭାର୍ଯ୍ୟା) ।

## ସଦାପ୍ରଭୁ ଆଦମକୁ ବାକ୍ୟ ଦେଇଥିଲେ : (ଆଦି ୨:୧୬)

ସଦାପ୍ରଭୁ ପରମେଶ୍ୱର ଆଦମକୁ ଉଦ୍ୟାନର ପ୍ରତ୍ୟେକ ଫଳ ଖାଇବାକୁ କିନ୍ତୁ ସଦ୍‌ସତ ଜ୍ଞାନଦାୟକ ବୃକ୍ଷର ଫଳ ନ ଖାଇବାକୁ ଆଦେଶ ଦେଇଥିଲେ । ସଦାପ୍ରଭୁଙ୍କ ଦତ୍ତ ଆଜ୍ଞାସକଳ ମହତ୍ତ୍ୱପୂର୍ଣ୍ଣ । ତାହାର ପାଳନରେ ଜୀବନ ଅଛି । (ଗୀତ ୧୧୯:୧-୮) । ଯୀଶୁ କହିଲେ, ''ଆତ୍ମା ଜବୀନଦାୟକ; ମାଂସ କୌଣସି ଉପକାର କରେ ନାହିଁ; ମୁଁ ତୁମ୍ଭମାନଙ୍କୁ ଯେ ସମସ୍ତ ବାକ୍ୟ କହିଅଛି । ସେହିସବୁ ଆତ୍ମା ଓ ଜୀବନ ଅଟେ ।'' (ଯୋହନ ୧୯:୭-୧୧) । ତାହାଙ୍କ ବାକ୍ୟ ଆମ୍ଭମାନଙ୍କୁ ଆତ୍ମିକଭାବେ ଅଭିବୃଦ୍ଧି କରେ । (ପ୍ରକାଶିତ ବାକ୍ୟ ୧୦:୯) । ସଦାପ୍ରଭୁଙ୍କ ବାକ୍ୟ ମଧୁ ଠାରୁ ସୁମିଷ୍ଟ । ସଦାପ୍ରଭୁଙ୍କ ବାକ୍ୟ ଆମ୍ଭମାନଙ୍କୁ ପାପମୟ ଜୀବନରୁ ବଞ୍ଚାଏ । ଏହା ଆମ୍ଭମାନଙ୍କ ପଥ ନିମନ୍ତେ ଆଲୁଅ ଅଟେ । (ଗୀତ ୧୧୯:୧୦୫)

## ସଦାପ୍ରଭୁ ଆଦମକୁ କାର୍ଯ୍ୟ ଦେଇଥିଲେ :

ସଦାପ୍ରଭୁ ପରମେଶ୍ୱର ମନୁଷ୍ୟକୁ ନିର୍ମାଣ କରି,''.....ମନୁଷ୍ୟକୁ ନେଇ ଏଦନ ଉଦ୍ୟାନରୁ ସୁସଜ୍ଜିତ ଓ ରକ୍ଷା କରିବା ପାଇଁ ନିଯୁକ୍ତି କରିଥିଲେ ।'' (ଆଦି ୨:୧୫) । ତାହାଙ୍କ ନିର୍ମିତ ପଶୁଗଣକୁ ଓ ଖେଚର ପକ୍ଷୀଗଣକୁ ନାମ ଦେବା ପାଇଁ, ଆଦମ ନିକଟକୁ ଆଣିଲେ । ''....ତହିଁରେ ଆଦମ ସେହି ପ୍ରାଣିବର୍ଗ ମଧ୍ୟରୁ ଯାହାକୁ ଯେଉଁ ନାମ ଦେଲେ, ତାହାର ସେହି ନାମ ହେଲା ।'' (୨:୧୯) । ସଦାପ୍ରଭୁ ମନୁଷ୍ୟକୁ କାର୍ଯ୍ୟ ଦିଅନ୍ତି । ସେ ନିଜେ ଏକ କାର୍ଯ୍ୟକାରୀ ପରମେଶ୍ୱର ଅଟନ୍ତି । ପ୍ରଭୁ ଯୀଶୁ ଯିହୁଦୀ ନେତାମାନଙ୍କୁ କହିଥିଲେ, ''....ମୋହର ପିତା ଏ ପର୍ଯ୍ୟନ୍ତ କାର୍ଯ୍ୟ କରୁଅଛନ୍ତି, ଆଉ ମୁଁ ମଧ୍ୟ କରୁଅଛି ।'' (ଯୋହନ ୫:୧୭) । ''ଦିନ ଥାଉ ଥାଉ ମୋହର ପ୍ରେରଣକର୍ତ୍ତାଙ୍କ କର୍ମ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ, ଯେଉଁ ସମୟରେ କେହି କର୍ମ କରିପାରେ ନାହିଁ, ଏପରି ରାତ୍ରି ଆସୁଅଛି ।'' (ଯୋହନ ୯:୪) । ମନୁଷ୍ୟ କାର୍ଯ୍ୟ କରିବାକୁ ନିର୍ମିତ ହୋଇଅଛି,

ପରମେଶ୍ୱରଙ୍କ ଆଜ୍ଞା ଲଂଘନ କରିବା ପରେ ତାହାର କାର୍ଯ୍ୟ କଠିନତର ହୋଇଥିଲା । ସଦାପ୍ରଭୁ ନିରନ୍ତର ଏହି ବିଶ୍ୱର ଚାଳାର୍ଥେ କାର୍ଯ୍ୟ କରନ୍ତି । ମନୁଷ୍ୟ କାହିଁକି ଅଳସୁଆ ହେବ ?'' କାରଣ ତୁମ୍ଭେ ଆପଣା ହସ୍ତକୃତ ପରିଶ୍ରମର ଫଳ ଭୋଜନ କରିବ, ତୁମ୍ଭେ ସୁଖୀ ହେବ ଓ ତୁମ୍ଭର ମଙ୍ଗଳ ହେବ ।'' (ଗୀତ ୧୨୮:୨) । ''ସବୁ ପ୍ରକାର ପରିଶ୍ରମର ଫଳ ଅଛି; ପୁଣି ଓଷ୍ଠାଧାରର କଥାମାତ୍ର କେବଳ ଦରିଦ୍ରତାରେ ପ୍ରବର୍ତ୍ତାଏ ।'' ( ହିତ ୧୪:୨୩) । ''ଦେଖ, ଭୋଜନପାନ କରିବାର ଓ ପରମେଶ୍ୱରଙ୍କ ଦତ୍ତ ପରମାୟୁ ମଧ୍ୟରେ ମନୁଷ୍ୟ ସୂର୍ଯ୍ୟ ତଳେ ଯେ ଯେ ପରିଶ୍ରମ କରେ, ସେହି ସମସ୍ତ ପରିଶ୍ରମର ସୁଖଭୋଗ କରିବାର, ଏହା ହିଁ ତାହା ପକ୍ଷରେ ଉତ୍ତମ ଓ ମନୋହର ବୋଲି ମୁଁ ଦେଖିଅଛି, କାରଣ ଏହା ହିଁ ତାହାର ଅଂଶ ।'' (ଉପଦେଶକ ୫:୧୮) । ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକି ଲେଖନ୍ତି, ''......ଯେକେହି କାର୍ଯ୍ୟ କରିବାକୁ ଇଚ୍ଛା କରେ ନାହିଁ, ସେ ଭୋଜନ ମଧ୍ୟ ନ କରୁ ।'' (୩:୧୦) । ପରିଶ୍ରମ କରି ମନୁଷ୍ୟ ଆପଣା ପରିବାରର ଭରଣପୋଷଣ କରୁ ଓ ସହାୟତା ଆବଶ୍ୟକାରୀମାନଙ୍କ ସାହାଯ୍ୟ କରୁ । ପ୍ରଭୁଙ୍କ ଓ ମଣ୍ଡଳୀର କାର୍ଯ୍ୟ ଓ ଅଭିବୃଦ୍ଧି ନିମନ୍ତେ ଚାନ୍ଦା ଦେଉ । (ଏଫିସୀ ୪:୨୮-୨୯, ୧ ତୀମଥି ୫:୮ ଓ ୨ୟ କରନ୍ଥୀ ୯:୬-୯) ।

## ସଦାପ୍ରଭୁ ଆଦମକୁ ଭାର୍ଯ୍ୟା ଦେଇଥିଲେ (ଆଦି ୨:୨୧-୨୨) :

ଆଦମ ଏକାକୀ ଥିଲେ ଓ ଏକ ସହଚାରିଣୀର ଆବଶ୍ୟକତା ଥିଲା । ସଦାପ୍ରଭୁ ସ୍ତ୍ରୀକୁ ବିଶେଷ ଯତ୍ନରେ ନିର୍ମାଣ କରିଥିଲେ, ସେ ମନୁଷ୍ୟର ଶାରୀରିକ, ମାନସିକ ଓ ଆତ୍ମିକ ଆବଶ୍ୟକତା ପୂରଣ କରେ । ସ୍ତ୍ରୀ ସଦାପ୍ରଭୁଙ୍କ ଶେଷ ଓ ସର୍ବଶ୍ରେଷ୍ଠ ସୃଷ୍ଟି । ''ପୁରୁଷ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଓ ଗୌରବ ସ୍ୱରୂପ, କିନ୍ତୁ ସ୍ତ୍ରୀ ପୁରୁଷର ଗୌରବ ସ୍ୱରୂପ ।'' (୧ମ କରିନ୍ଥୀ ୧୧:୭) । ଜ୍ଞାନୀ ଶଲୋମନ କହନ୍ତି, ''ଗୁଣବତ୍ତୀ ସ୍ତ୍ରୀ ଆପଣା ସ୍ୱାମୀର ମୁକୁଟ ସ୍ୱରୂପ....'' (ହିତ ୧୨:୪) । ସମସ୍ତ ସୃଷ୍ଟ ହେବା ପରେ , ସ୍ତ୍ରୀ ବିଶେଷ ଭାବେ ନିର୍ମିତ ହୋଇଥିଲା । ସେ ପୁରୁଷର ଓ ସୃଷ୍ଟିର ଅଭାବ ପୂରଣ କରିଥିଲା । ସ୍ତ୍ରୀ, ପୁରୁଷର ସହଚାରିଣୀ । ସେ ପୁରୁଷର ଆନନ୍ଦ, ସାନ୍ତ୍ୱନା ଓ ନିରାପଦ । ଏବ୍ରୀ ପଦ ''Elzer''ର ରକ୍ଷକ କିଅବା ଅଭିଭାବକ । ଏହି ଜୀବନ ସୁଖମୟ ହେବା ନିମନ୍ତେ ମନୁଷ୍ୟକୁ ପରମେଶ୍ୱରଙ୍କ ବାକ୍ୟ ପାଳନ କରି, ପରିଶ୍ରମ କରି, ଭାର୍ଯ୍ୟା ସନ୍ଧାନ କରୁ ।

## ସ୍ତ୍ରୀ, ପୁରୁଷର ପଞ୍ଜରରୁ ନିର୍ମିତ କଲେ :

**ପ୍ରଥମ ଆଦମ :-** ଭୂମିର ଧୂଳିରୁ ସଦାପ୍ରଭୁ ମନୁଷ୍ୟକୁ ନିର୍ମାଣ କରିଥିଲେ । ସେ ତାହାଙ୍କ ଆଜ୍ଞା ଅମାନ୍ୟ କରି ପାପ କଲେ ଓ ଅଭିଶପ୍ତ ହେଲେ । ପୁରୁଷର ପଞ୍ଜରରୁ ସ୍ତ୍ରୀ ନିର୍ମିତ ହୋଇ ତାହାଙ୍କ ଭାର୍ଯ୍ୟା ହେଲେ । ଆଦମ ଆପଣା ଭାର୍ଯ୍ୟାକୁ ଏତେ ପ୍ରେମ କଲେ ଯେ, ସେ ନିଜେ ନିଷେଧିତ ଫଳ ଖାଇ ତାହାଙ୍କ ଭାର୍ଯ୍ୟାଙ୍କ ସଙ୍ଗ ଦେଲେ । (୧ମ ତୀମଥି ୨:୧୩-୧୪) ।

**ଦ୍ୱିତୀୟ ଆଦମ :-** ଖ୍ରୀଷ୍ଟ : ତାହାଙ୍କ ଠାରେ ଲେଶ ମାତ୍ର ପାପ ନ ଥିଲା । କିନ୍ତୁ ଆପଣା ବଧ (ମଣ୍ଡଳୀ) ନିମନ୍ତେ ସେ କ୍ରୁଶରେ ହତ ହୋଇଥିଲେ । ତାହାଙ୍କ ବକ୍ଷର କ୍ଷତରେ ବହିଥିବା ସେହି ରକ୍ତଧାରରେ ଆପଣା ମଣ୍ଡଳୀକି ଏତେ ପ୍ରେମ କଲେ ଯେ, ଆପଣା ପ୍ରାଣ ତାହାଙ୍କ ନିମନ୍ତେ ଢ଼ାଳି ଦେଇଥିଲେ ।

**- Joshua Gootam**

❋❋❋

## ପୁନଃର୍ବାର ଆଲୋକ ପ୍ରକାଶିତ ହେଉ !
### (Let there be light again!)

"ଯେଣୁ ଅନ୍ଧକାରରୁ ଦୀପ୍ତି ପ୍ରକାଶ ପାଉ ବୋଲି ଆଜ୍ଞା ଦେଇଥିଲେ ଯେଉଁ ଈଶ୍ୱର, ସେ ଖ୍ରୀଷ୍ଟଙ୍କ ମୁଖରେ ପ୍ରକାଶିତ ଆମ୍ଭମାନଙ୍କ ହୃଦୟରେ ଜ୍ଞାନର ଆଲୋକ ଦେଖାଇବା ନିମନ୍ତେ ଆମ୍ଭମାନଙ୍କ ହୃଦୟରେ ଆଲୋକ ପ୍ରକାଶ କରିଅଛନ୍ତି ।" (୨ୟ କରିନ୍ଥୀ ୪:୬) । ସମୟର ପ୍ରାରମ୍ଭ ବେଳାରେ, ସମୁଦାୟ ପୃଥିବୀ ଅନ୍ଧକାରାଚ୍ଛନ୍ନ ଥିଲା । ସଦାପ୍ରଭୁ ପରମେଶ୍ୱର କହିଲେ, "....ଦୀପ୍ତି ହେଉ...." (ଆଦି ୧:୨) । ଏହି ବାକ୍ୟ ଠାରୁ ସୃଷ୍ଟି ଆରମ୍ଭ ହେଲା । ଷଷ୍ଠତମ ଦିବସରେ ସଦାପ୍ରଭୁ ଆପଣା ପ୍ରତିମୂର୍ତ୍ତିରେର ନିର୍ମାଣ କରିଥିଲେ । ମନୁଷ୍ୟ ସଦାପ୍ରଭୁଙ୍କ ଆଜ୍ଞାଲଂଘନ କରି ପାପରେ ପତିତ ହୋଇଥିଲେ; ପାପରେ ପତିତ ମନୁଷ୍ୟ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହୋଇଥିଲା । (ଆଦି ୩ୟ ଅଧ୍ୟାୟ) ।

ପୁରାତନ ସମୟାବଧି ମନୁଷ୍ୟମାନେ ଏକ ନୂତନ ଆଲୋକର ଅପେକ୍ଷାରେ ଥିଲେ । (ଯିଶାଇୟ ୯ : ୧-୭) ୨ କରିନ୍ଥୀ ୪ ଅଧ୍ୟାୟରେ, ଏହି ଆଲୋକ ପ୍ରକାଶିତ ହୋଇଅଛି ବୋଲି ପ୍ରେରିତ ପାଉଲ ବର୍ଣ୍ଣନା କରନ୍ତି । ଏହି ଆଲୋକ ପରମେଶ୍ୱରଙ୍କ ନିକଟକୁ ଫେରିଯିବାକୁ ପଥ ଆଲୋକିତ କରେ । ଏହି ଆଲୋକ ''ସୁସମାଚାର'' ଅଟେ ।

ଯୀଶୁଖ୍ରୀଷ୍ଟଙ୍କୁ ମହିମାନ୍ୱିତ କରିବା ହିଁ ସୁସମାଚାରର ମୁଖ୍ୟ ଉଦ୍ଦେଶ୍ୟ । ସେ ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଅଟନ୍ତି । ଆମ୍ଭେମାନେ ସୁସମାଚାର ଆଲୋକରେ ତାହାଙ୍କ ପ୍ରତିମୂର୍ତ୍ତିରେ ପରିବର୍ତ୍ତିତ ହେଉ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି ''.....ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖୁ ଦେଖୁ ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ....'' (୨ କରିନ୍ଥୀ ୩:୧୮) । ''.....ଆମ୍ଭମାନଙ୍କର ବାହ୍ୟିକ ପୁରୁଷ କ୍ଷୟ ପାଇଲେ ସୁଦ୍ଧା ଆମ୍ଭମାନଙ୍କ ଆନ୍ତରିକ ପୁରୁଷ ଦିନକୁ ଦିନ ନୂତନୀକୃତ ହେଉଅଛି ।'' (୨ କରିନ୍ଥୀ ୪:୧୬) । ସେ ଆମ୍ଭମାନଙ୍କୁ ନୂତନ ସୃଷ୍ଟି କରିଅଛନ୍ତି । (୫:୧୭)

ଆପଣ କେବେ ସୁନ୍ଦର ସୃଷ୍ଟିର ସୁନ୍ଦର ସୂର୍ଯ୍ୟୋଦୟ ଆହ୍ଲାଦ କରିଥିଲେ ? ପ୍ରତିଦିନ ପୂର୍ବଦିଗରେ ସୂର୍ଯ୍ୟ ଉଦୟ ହୋଇ ଆମ୍ଭମାନଙ୍କ ଜୀବନ ନୂତନମୟ କରେ । ସୂର୍ଯ୍ୟକିରଣରେ ଏହି ସୃଷ୍ଟି ସୁଶୋଭିତ ହୋଇଉଠେ ।

ଈଶ୍ୱରଙ୍କ ବାକ୍ୟ ଜୀବନର ଆଲୋକ ଅଟେ । (ଯୋହନ ୧ : ୧-୫) । ଏହି ଆଲୋକ ଆମ୍ଭମାନଙ୍କ ଜୀବନ ପ୍ରଭାବିତ ହେଲେ, ଆମ୍ଭେମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ପରିବର୍ତ୍ତିତ ହେବା । ଯେଉଁମାନେ ଏହି ଆଲୋକ ଗ୍ରହଣ କରନ୍ତି ସେହି ଆଲୋକ ଦ୍ୱାରା ଜୀବନ ପାଆନ୍ତି ।

**- Caleb Boggs**

❋❋❋

# ଗୀତ ଗାୟନ
## (Sing)

ନୂତନ ନିୟମର ମଣ୍ଡଳୀ ଉପାସନାରେ ଗୀତ ଗାଇବା ପ୍ରାଧାନ୍ୟତା ଦିଆଯାଏ । ତଥାପି ଅନେକେ ଉପାସନାରେ ଗୀତ ନ ଗାଇ, ମୌନ ରହନ୍ତି । ପ୍ରେରିତ ପାଉଲ, କଲସୀ ମଣ୍ଡଳୀକୁ ଲେଖନ୍ତି । ''ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ; ତୁମ୍ଭେମାନେ ପରସ୍ପରକୁ ସମ୍ପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନା ଦିଅ; ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂଗୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନ କର.....'' (୩:୧୬)

ଆମ୍ଭେମାନେ ଗୀତ ଗାଇବା ନିମନ୍ତେ ଆଜ୍ଞାପିତ ହୋଇଅଛୁ ।

୧) ଗୀତ ଗାଅ :- ''ଉତ୍ତମ ଭାବେ'' କିଅବା ସୁମଧୁର ଭାବେ'' ଗାଇବା ନିମନ୍ତେ ଆଜ୍ଞା ଦେଇ ନାହାନ୍ତି । କେତେକ ଖ୍ରୀଷ୍ଟିୟାନମାନେ, ସୁମଧୁର ଭାବେ ଗାଇ ନ ପାରୁ, ତେଣୁ ଗୀତ ନ ଗାଇ ପ୍ରଭୁଙ୍କ ଆଜ୍ଞା ପାଳନ କରନ୍ତି ନାହିଁ । ଅସୁସ୍ଥତା ବିନୁ ଆମ୍ଭେମାନେ କୌଣସି କାରଣବଶତଃ, ତାହାଙ୍କ ଆଜ୍ଞା ଅମାନ୍ୟ ନ କରୁ ।

୨) ଆନନ୍ଦ ସହ ଗୀତ ଗାୟନ କରୁ :- ଆନନ୍ଦ, ପ୍ରେମ, କୃତଜ୍ଞତା ଓ ଭକ୍ତି ସହକାରେ ଗୀତ ଗାୟନ କରୁ ।

୩) ହୃଦୟ ସହ ଗୀତ ଗାୟନ କରୁ:- ହୃଦୟ ସହ, କିନ୍ତୁ ଯାନ୍ତ୍ରିକ ବାଦ୍ୟ ସଂଗୀତ ନୁହେଁ, ପରମେଶ୍ୱରଙ୍କ ଗ୍ରାହ୍ୟଯୋଗ୍ୟ କେବଳ 'ମୁଖସ୍ତୁତି' ନ କରି ହୃଦୟ ସହ ଉପାସନା କରୁ ।

୪) ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୀତ ଗାୟନ କରୁ :- ଏହା ସର୍ବଦା ମନେ ରଖନ୍ତୁ ଯେ, ଆମ୍ଭେମାନେ ଉପାସନା ଦ୍ୱାରା ସଦାପ୍ରଭୁ ମହିମାନ୍ୱିତ ହୁଅନ୍ତୁ, ଆମ୍ଭେମାନେ ନୁହେଁ । ସଦାପ୍ରଭୁ ଆମ୍ଭମାନଙ୍କ ଉପାସନାର ମଧ୍ୟବର୍ତ୍ତୀ ରହନ୍ତି । ଆମ୍ଭେମାନେ ଆପଣା ଆପଣା ଆମୋଦ ପ୍ରମୋଦ ନିମନ୍ତେ ଉପାସନାରେ ଯୋଗ ନ ଦେଇ ସଦାପ୍ରଭୁଙ୍କ ଗୌରବାର୍ଥେ ଯୋଗ ଦେଉ ।

୫)　　ଗୀତ ଗାୟନ ଦ୍ୱାରା ପରସ୍ପରକୁ ଉତ୍ସାହ ଦେଉ :- ପ୍ରେରିତ ପାଉଲ ଏଫିସୀ ଓ କଲସୀ ମଣ୍ଡଳୀକୁ ଲେଖନ୍ତି, ''ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର । (ଏଫିସୀ ୫:୧୯) ଓ ''ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ, ତୁମ୍ଭେମାନେ ପରସ୍ପର ସମ୍ପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନା ଦିଅ, ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ହୃଦୟରେ ଗାନ କର ।'' (କଲସୀ ୩:୧୬) । ଏହା ସାମୁହିକ ସଂକୀର୍ତ୍ତନର ସୌନ୍ଦର୍ଯ୍ୟତା ।

ଭାଇମାନେ, ଆମ୍ଭମାନଙ୍କ ପୂର୍ଣ୍ଣ ହୃଦୟ ସହ ଜିହ୍ୱା ଫଳ ଉତ୍ସର୍ଗ କରି, ତାହାଙ୍କ ଗ୍ରାହ୍ୟ ଯୋଗ୍ୟ ଉପାସନା କରୁ, ତଥାପି ଆମ୍ଭମାନଙ୍କ ଉପାସନାରେ ଅନେକ ଗୀତ ଗାୟନ କଅଣ ମନେ କରୁଅଛନ୍ତି ସେ ବିଷୟ ଚିନ୍ତା ନ କରନ୍ତି । ''ନିଃଶ୍ୱାସ ପ୍ରଶ୍ୱାସଧାରୀ ପ୍ରତ୍ୟେକ ପ୍ରାଣୀ ସଦାପ୍ରଭୁଙ୍କର ପ୍ରଶଂସା କରୁ । ତୁମ୍ଭେମାନେ ସଦାପ୍ରଭୁଙ୍କ ପ୍ରଶଂସା କର ।'' (ଗୀତ ୧୫୦:୬)

**- Travis L. Quertermous**

❋❋❋

## ପ୍ରଭୁଭୋଜ ପାଳନ
## (The Lord's Supper)

ପ୍ରତି ସପ୍ତାହର ପ୍ରଥମ ଦିନର ଉପାସନାରେ ପ୍ରଭୁଭୋଜ ପାଳନ ଏକ ପ୍ରଧାନ ପ୍ରଥା । ଯୀଶୁଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନରୁତ୍ଥାନର ସ୍ମରଣାର୍ଥେ ସହଭାଗିତାର ଭୋଜ । (୧ମ କରିନ୍ଥୀ ୧୦:୧୬) । ଏହା ପାଳନ କରି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଗମନ ବିଷୟରେ ଅନ୍ୟମାନଙ୍କୁ ପ୍ରଚାର କରୁ । ସେ ଏହି ଜଗତକୁ ପୁନର୍ବାର ଆସି ଆପଣା ପିତାଙ୍କୁ ରାଜ୍ୟ ସମର୍ପଣ କରିବେ । (୧ମ କରିନ୍ଥୀ ୧୧:୨୬ ଓ ୧୫:୨୪)

ଏହି ପ୍ରଥା ପାଳନ ବିଷୟରେ ଖ୍ରୀଷ୍ଟିୟ ଜଗତରେ ଅନେକ ବିବାଦ ପ୍ରଚଳିତ ହୋଇ ଆସୁଅଛି । କେତେକ ବର୍ଗର ଲୋକେ ଏହା ଏକ ପର୍ବ ପାଳନ କରିବା ରୀତିରେ ପାଳନ କରିବା ଆବଶ୍ୟକ ବୋଲି ମନେ କରନ୍ତି । ଆଉ କେତେକ ବର୍ଗର ଲୋକେ ଏହା ଏକ ଖାଦ୍ୟ ଓ ପାନୀୟ ସହ ଆଡ଼ମ୍ବର ସହ ପାଳନ କରିବା ଆବଶ୍ୟକ ବୋଲି ମନେ କରନ୍ତି । ଆଉ କେତେକ ବର୍ଗର ଲୋକେ ବିବାହ ଓ ସମାଧି କାର୍ଯ୍ୟକ୍ରମରେ ଏହି ପ୍ରଥାକୁ ଜଡ଼ିତ କରିଅଛନ୍ତି । ବାକ୍ୟରେ ଲିଖିତନୁଯାୟୀ ପାଳନ ନ କରି, ବ୍ୟକ୍ତିଗତ ଆବଶ୍ୟକତାନୁଯାୟୀ ଏହା ପାଳନ କରିବା ସଦାପ୍ରଭୁଙ୍କ ଗ୍ରାହ୍ୟ ଯୋଗ୍ୟ ନୁହେଁ । ଏହା ଏକ ସାପ୍ତାହିକ ପ୍ରଥା ହୋଇଥିବାରୁ ଅବହେଳା ବା ଭ୍ରୂକ୍ଷେପ ନ କରୁ ।

ଏହି ପ୍ରଥାକୁ ବାକ୍ୟାନୁଯାୟୀ କେଉଁ ନାମରେ ନାମିତ କରିବା ଆବଶ୍ୟକ ? ନୂତନ ନିୟମରେ ''ପ୍ରଭୁଭୋଜ'' (୧ମ କରିନ୍ଥୀ ୧୧:୨୦), ''ପ୍ରଭୁଙ୍କ ମେଜ'' (୧ମ କରିନ୍ଥୀ ୧୦:୨୧), ଏବଂ ୧ମ କରିନ୍ଥୀ ୧୦:୧୬ରେ ପ୍ରେରିତ ପାଉଲ ଲେଖନ୍ତି, ''ଯେଉଁ ଆଶୀର୍ବାଦର ପାତ୍ରକୁ ଆମ୍ଭେମାନେ ଆଶୀର୍ବାଦ କରୁ, ତାହା କି ଖ୍ରୀଷ୍ଟଙ୍କ ରକ୍ତର ସହଭାଗିତା ନୁହେଁ ? ଯେଉଁ ରୋଟି ଆମ୍ଭେମାନେ ଭାଙ୍ଗୁ, ତାହା କି ଖ୍ରୀଷ୍ଟଙ୍କ ଶରୀରର ସହଭାଗିତା ନୁହେଁ, ପ୍ରେରିତ ୨:୪ର ଓ ୨୦:୭ ପଦରେ ଏହି ପ୍ରଥାକୁ ''ରୋଟି ଭାଙ୍ଗିବା'' ବୋଲି ମଧ୍ୟ କୁହାଯାଏ । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ, ''......ପ୍ରେରିତ ମାନଙ୍କର ଶିକ୍ଷାରେ ସହଭିଗିତାରେ, ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତହୋଇ ରହିଲେ ।'' (ପ୍ରେରିତ ୨:୪୨) ।

ଏହି ପ୍ରଥାର ଆରମ୍ଭ କିପରି ହୋଇଥିଲା । ଯୀଶୁଖ୍ରୀଷ୍ଟ କ୍ରୁଶୀୟ ମୃତ୍ୟୁବରଣ କରିବାର ପୂର୍ବବର୍ତ୍ତୀ ରାତ୍ରୀରେ ଆପଣା ଶିଷ୍ୟମାନଙ୍କ ସହ ଶେଷ ଭୋଜନ କରିବା ସମୟରେ ଏହି ପ୍ରଥାର ପ୍ରଚଳନ ଆରମ୍ଭ କରିଥିଲେ । (ଲୂକ ୨୨:୧, ୧-୧୬, ୧୯,୨୦) । ''ପୁଣି, ସମୟ ଉପସ୍ଥିତ ହୁଅନ୍ତେ, ସେ ଓ ତାହାଙ୍କ ସଙ୍ଗେ ପ୍ରେରିତମାନେ ଭୋଜନ କରିବାକୁ ବସିଲେ । ଆଉ, ସେ ସେମାନଙ୍କୁ କହିଲେ, ମୋହର ଦୁଃଖଭୋଗ ପୂର୍ବେ ମୁଁ ତୁମ୍ଭମାନଙ୍କ ସହିତ ଏହି ନିସ୍ତାର ଭୋଜପାଳନ କରିବାକୁ ଏକାନ୍ତ ବାଞ୍ଛା କଲି....ପୁଣି ସେ ପାନପାତ୍ର ଗ୍ରହଣ କରି ଧନ୍ୟବାଦ ଦେଇ କହିଲେ, ଏହା ନେଇ ଆପଣା ମଧ୍ୟରେ ଭାଗ କରି, କାରଣ ମୁଁ ତୁମ୍ଭମାନଙ୍କୁ କହୁଅଛି, ଈଶ୍ୱରଙ୍କ ରାଜ୍ୟ ନ

ଆସିବା ପର୍ଯ୍ୟନ୍ତ ମୁଁ ଆଜିଠାରୁ ଦ୍ରାକ୍ଷାରସର ରସ ଆଉ ପାନ କରିବି ନାହିଁ । ପୁଣି ସେ ରୋଟି ଘେନି ଧନ୍ୟବାଦ ଦେଲେ, ତୁମ୍ଭମାନଙ୍କ ନିମନ୍ତେ ଦତ୍ତ ହେଉଥିବା ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ ।'' (୧ମ କରିନ୍ଥୀ ୨୨:୧୪-୨୦) । ପ୍ରଭୁଭୋଜ ପାଳନରେ ବ୍ୟବହୃତ ବିଷୟ ଓ ପ୍ରଭୁଭୋଜର ଅର୍ଥ ୧୯ ଓ ୩୦ ଯୀଶୁଖ୍ରୀଷ୍ଟ ବର୍ଣ୍ଣନା କରନ୍ତି । ଏହି ପ୍ରଥା ଦ୍ୱାରା ଆମ୍ଭେମାନେ ତାହାଙ୍କ ମରଣ, ସମାଧି ଓ ପୁନରୁଥାନ ସ୍ମରଣ କରି, ତାହାଙ୍କ ପୁନଃରାଗମନ ପ୍ରଚାର କରୁ ।

ଇସ୍ରାଏଲ ଜାତି ମିସରର ଦାସତ୍ୱରୁ ମୁକ୍ତ ହେବାର ଘଟଣାର ସ୍ମରଣାର୍ଥେ ସେମାନେ ପ୍ରତି ବର୍ଷ ନିସ୍ତାର ପର୍ବ ପାଳନ କରୁଥିଲେ । (ଯାତ୍ରା ୧୨:୧-୩୦) । ପ୍ରତିବର୍ଷ ପ୍ରଥମ ମାସର ଚତୁର୍ଦ୍ଦଶ ଦିବସରେ ନିସ୍ତାର ପର୍ବର ପଶୁବଳି ଉତ୍ସର୍ଗ କରାଯାଉଥିଲା । (୧୪ମ ପଦ) । ନିସ୍ତାର ଓ ପ୍ରଭୁଭୋଜ ସମଭାବାପନ୍ନ । ଏହି ଦୁଇ ଘଟଣାରେ ରକ୍ତର ଆବଶ୍ୟକତା ରହିଥାଏ । ଇସ୍ରାଏଲ୍ ଜାତି ନିମନ୍ତେ ନିସ୍ତାର ମେଷଶାବକ ଓ ଆମ୍ଭମାନଙ୍କ ନିସ୍ତାର ପର୍ବର ମେଷଶାବକ ଖ୍ରୀଷ୍ଟ ଅଟନ୍ତି । (୧ମ କରିନ୍ଥୀ ୫:୭) ।

ପ୍ରଭୁଭୋଜ କେବେ ପାଳନ କରିବା ଆବଶ୍ୟକ ? ନୂତନ ନିୟମାନୁଯାୟୀ ସପ୍ତାହର ପ୍ରଥମ ଦିବସରେ ପାଳନ କରୁ । ବାକ୍ୟ କହେ, ''ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟି ଭାଙ୍ଗିବାକୁ ଏକତ୍ରିତ ହୋଇଥିଲୁ, ସେତେବେଳେ ପାଉଲ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା ଦେଲେ ।'' (ପ୍ରେରିତ ୨୦:୭)

ଆମ୍ଭେମାନେ କେଉଁଠାରେ ପ୍ରଭୁଭୋଜ ପାଳନ କରିବା ଆବଶ୍ୟକ ନୂତନ ନିୟମରେ ଆମ୍ଭମାନଙ୍କୁ କୁହାଯାଇଅଛି । ସାଧୁମାନଙ୍କ ସମାବେଶରେ ଅର୍ଥାତ୍ ମଣ୍ଡଳୀର ଉପାସନାରେ ଏହି ପବିତ୍ର ପ୍ରଥା ପାଳନ କରୁ । (୧ମ କରିନ୍ଥୀ ୧୧:୧୮,୨୬, ଏବ୍ରୀ ୧୦:୨୫, ପ୍ରେରିତ ୨୦:୭)

ଆମ୍ଭେମାନେ କାହିଁକି ପ୍ରଭୁଭୋଜ ପାଳନ କରିବା ଆବଶ୍ୟକ, ନୂତନ ନିୟମରେ ବିଶ୍ଳେଷଣ କରିବା ନିମନ୍ତେ ଏହା କର ।'' (ଲୂକ ୨୨:୧୯) । ସ୍ମରଣାର୍ଥେ

ଅର୍ଥାତ୍, ବାରମ୍ବାର ମନେ ପକାଇବା । ତାହାଙ୍କ ମରଣ, ସମାଧି, ପୁନଃରୁଥାନ ସ୍ମରଣ କରି ତାହାଙ୍କ ସହିତ ଜଡ଼ିତ ଅଥବା ତାହାଙ୍କ ସହ ସହଭାଗିତାରେ ରହୁ । ଆପଣାକୁ ପରୀକ୍ଷା କରି, ତ୍ରାଣକର୍ତ୍ତାଙ୍କ ପୁନଃରାଗମନ ପର୍ଯ୍ୟନ୍ତ ତାହାଙ୍କ ପ୍ରଚାର କରୁ ।

- **Dennis Gullede**

❋❋❋

## ଚାନ୍ଦା ଦେବା ବିଷୟରେ
## (In the matter of giving)

ଈଶ୍ୱରଙ୍କୁ ଚାନ୍ଦା ଦେବା ବିଷୟରେ କେତୋଟି ବିଷୟ ମନେ ରଖୁ ।

୧) ପରମେଶ୍ୱର ଆମ୍ଭମାନଙ୍କୁ ଦେବା ଠାରୁ ଅଧିକ ଭାବେ କେହି ପରମେଶ୍ୱରଙ୍କୁ ଦେଇ ନ ପାରେ । ଆମ୍ଭେମାନେ ଉପାସନା କରୁଥିବା ପରମେଶ୍ୱର ମହାନ ଓ ଐଶ୍ୱର୍ଯ୍ୟବନ୍ତ ଅଟନ୍ତି । ତାହାଙ୍କ ଦୟା ଅସୀମ । ଆମ୍ଭମାନଙ୍କ ଆବଶ୍ୟକୀୟ କୌଣସି ବିଷୟ ଅଟକାଇପାରିବେ ନାହିଁ । ତାହାଙ୍କ ଉତ୍ତମତା ବିଷୟରେ ଦାଉଦ ମହାରାଜା ସହସ୍ର ସହସ୍ର ବର୍ଷ ରୂପେ ପାଇ କହିଲେ, "ହେ ସଦାପ୍ରଭୋ, ଆମ୍ଭମାନଙ୍କର ପ୍ରଭୋ, ସମୁଦାୟ ପୃଥିବୀରେ ତୁମ୍ଭର ନାମ କିପରି ମହିମାନ୍ୱିତ । ତୁମ୍ଭେ ଆକାଶମଣ୍ଡଳ ଉପରେ ଆପଣା ଗୌରବ ସ୍ଥାପନ କରିଅଛ । ତୁମ୍ଭେ ଶତ୍ରୁ ଓ ପ୍ରତିହିଂସକଙ୍କୁ ଦମନ କରିବା ପାଇଁ ଆପଣା ବିପକ୍ଷଗଣ ସକାଶେ ଶିଶୁ ଓ ଦୁଗ୍ଧପୋଷ୍ୟମାନଙ୍କ ମୁଖରୁ ପରାକ୍ରମ ପ୍ରତିପନ୍ନ କରିଅଛ । ମୁଁ ତୁମ୍ଭ ଅଙ୍ଗୁଳିକୃତ ତୁମ୍ଭ ଆକାଶମଣ୍ଡଳ, ତୁମ୍ଭର ନିରୂପିତ ଗକ୍ଷ ଓ ନକ୍ଷତ୍ରଗଣଙ୍କୁ ବିବେଚନା କଲେ, ମନୁଷ୍ୟ କିଏ ଯେ, ତୁମ୍ଭେ ତାହା ବିଷୟରେ ମନୋଯୋଗୀ ହୋଇଅଛ ଓ ମନୁଷ୍ୟ ସନ୍ତାନ କିଏ ଯେ, ତୁମ୍ଭେ ତାହାର ତତ୍ତ୍ୱବଧାନ କରୁଅଛ ? ପୁଣି, ତୁମ୍ଭେ ତାହାକୁ, ଦୂତଗଣଙ୍କ ଅପେକ୍ଷା ଅଳ୍ପମାତ୍ର ନ୍ୟୁନ

କରିଅଛ, ଆଉ ଗୌରବ ଓ ସମ୍ଭ୍ରମରୂପ ମୁକୁଟରେ ତାହାଙ୍କୁ ଭୂଷିତ କରୁଅଛ । ତୁମ୍ଭେ ଆପଣା ହସ୍ତକୃତ କର୍ମ ଉପରେ ତାହାକୁ କର୍ତ୍ତୃତ୍ୱ ଦେଇଅଛ; ତୁମ୍ଭେ ତାହାର ପଦତଳେ ସମୁଦାୟ ବିଷୟ ରଖିଅଛ । ଗୋମେଷାଦି ସକଳ, ହ. ବନ୍ୟ ପଶୁଗଣ; ଆକାଶ ପକ୍ଷୀଗଣ ଓ ସମୁଦ୍ରର ମତ୍ସ୍ୟଗଣ, ସମୁଦ୍ର ପଥଗାମୀ ସକଳ ହିଁ ରଖିଅଛ । ''ହେ, ସଦାପ୍ରଭୋ, ଆମ୍ଭମାନଙ୍କ ପ୍ରଭୋ, ସମୁଦାୟ ପୃଥିବୀରେ ତୁମ୍ଭର ନାମ କିପରି ମହାନ୍ୱିତ ।'' (ଗୀତ ୮)

୨) ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଦତ୍ତଦାନ, ଏକ ବ୍ୟକ୍ତିର ପରମେଶ୍ୱରଙ୍କ ପ୍ରତି ଥିବା ଭକ୍ତିଭାବ, ହୃଦୟର ମନୋଭାବ ପ୍ରକଟ କରେ । ଆମ୍ଭମାନଙ୍କ ଜୀବନର ଅନ୍ତରଙ୍ଗ ବ୍ୟକ୍ତିମାନଙ୍କୁ ଆମ୍ଭେମାନେ ଶ୍ରେଷ୍ଠତର ଦାନ ଦେଇଥାଉ । ବାକ୍ୟ କହେ, ''ଅତଏବ, ତୁମ୍ଭମାନଙ୍କ ପ୍ରେମ ଓ ତୁମ୍ଭମାନଙ୍କ ବିଷୟରେ ଆମ୍ଭମାନଙ୍କ ଦର୍ପର ପ୍ରମାଣ ମଣ୍ଡଳୀ ସମୂହର ସମ୍ମୁଖରେ ସେମାନଙ୍କୁ ଦେଖାଅ ।'' (୨ କରିନ୍ଥୀ ୮:୨୪)

୩) ତୃତୀୟରେ, ଆମ୍ଭେମାନେ ଯେଉଁ ମାତ୍ରାରେ ପରମେଶ୍ୱରଙ୍କୁ ଚାନ୍ଦା ଦେଉ, ସେହି ମାତ୍ରାରେ ଆମ୍ଭମାନେ ଆର୍ଥିକ ଭାବେ ଆଶୀର୍ବାଦ ପ୍ରାପ୍ତ ହେବା ବୋଲି ମନେ ରଖୁ । ବାକ୍ୟ କହେ, ''କିନ୍ତୁ ଏହା ସତ୍ୟ, ଯେ ଅଳ୍ପ ବୁଣେ, ସେ ମଧ୍ୟ ଅଳ୍ପ କାଟିବ; ଆଉ ଯେ ପ୍ରଚୁର ବୁଣେ, ସେ ମଧ୍ୟ ପ୍ରଚୁର କାଟିବ । ପ୍ରତ୍ୟେକ ଜଣେ ଆପଣା ହୃଦୟରେ ଯେପରି ସଂକଳ୍ପ କରିଅଛି, ସେହିପରି କରୁ, କୁଣ୍ଠିତ ଭାବରେ ନୁହେଁ ଅବା ବାଧ୍ୟବାଧକତା ହେତୁରୁ ନୁହେଁ, କାରଣ ହୃଷ୍ଟଚିତ୍ତ ଦାତାଙ୍କୁ ଭଲ ପାଆନ୍ତି ।'' (୨ କରିନ୍ଥୀ ୯:୬,୭)

ଭାଇମାନେ, ହୃଷ୍ଟଚିତ୍ତ ଭାବେ ପରମେଶ୍ୱରଙ୍କୁ ଦାନ ଦେଇ ପ୍ରଚୁର ଭାବେ ଆଶୀର୍ବାଦ ପ୍ରାପ୍ତ ହେଉ ।

**- Jerry Jenkins**

❋❋❋

# ଖ୍ରୀଷ୍ଟଙ୍କ ଠାରେ ଆନନ୍ଦ
## (Joy in Christ)

ପ୍ରେରିତ ପାଉଲ ଫିଲିପୀୟ ମଣ୍ଡଳୀକୁ ଲେଖନ୍ତି, ''ସର୍ବଦା ପ୍ରଭୁଙ୍କ ଠାରେ ଆନନ୍ଦ କର, ପୁନଶ୍ଚ କହୁଅଛି, ଆନନ୍ଦ କର ।'' (ଫିଲିପି ୪:୪) ସେ ଥେସଲନୀକୀ ମଣ୍ଡଳୀକୁ ସୁଦ୍ଧା ଏହି ବିଷୟ ଲେଖନ୍ତି, ''ସର୍ବଦା ଆନନ୍ଦ କର ।'' (୧ମ ଥେସ ୫:୧୮) ଜୀବନ ଏତେ ସମସ୍ୟାଯୁକ୍ତ ଥିବା ସମୟରେ ଆମେ କିପରି ଆନନ୍ଦରେ ରହିପାରିବା ? ଏହାର ଉତ୍ତର ଆମେ ବାକ୍ୟରେ ପାଇପାରିବା ।

''ସୁଖ'' (Happiness) ଓ ଆନନ୍ଦ (Joy)ରେ ପ୍ରଭେଦ ଅଛି । ମନୁଷ୍ୟର ପରିସ୍ଥିତି ଉପରେ ମନୁଷ୍ୟର ସୁଖ ଜୀବନ ନିର୍ଭର କରେ, ମନୁଷ୍ୟ ଖାଦ୍ୟ, ପୋଷାକ, ଧନ, ଚାକିରୀ, ବନ୍ଧୁ, ଉତ୍ତମ ସ୍ୱାସ୍ଥ୍ୟ ପ୍ରଭୃତି ଥିଲେ ସେ ସୁଖମୟ ଜୀବନଯାପନ କରିପାରିବ । ଆନନ୍ଦର ଅର୍ଥ ଶାନ୍ତି ଓ ସନ୍ତୋଷରେ ରହିବା । ଏହା ବାହ୍ୟିକ ପରିସ୍ଥିତି ଉପରେ ନିର୍ଭର ନକରି ଆନ୍ତରିକ ଭାବ ଉପରେ ନିର୍ଭର କରେ ।

ଦୁଃଖ, କଷ୍ଟ ଓ ସମସ୍ୟାରେ ଘେରି ରହିଥିବା ମନୁଷ୍ୟ, ଅନ୍ତରରେ ଶାନ୍ତିରେ ଥିଲେ ଆନନ୍ଦରେ ବାସ କରିପାରିବା । ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କୁ କହିଲେ, ''ସମ୍ପୂର୍ଣ୍ଣ ନମ୍ର ମନରେ ଅଶ୍ରୁପାତ ସହିତ ଯିହୂଦୀମାନଙ୍କର ନାନା ଷଡ଼ଯନ୍ତ୍ର ହେତୁ ମୋତେ ଯେ ଯେ ପରୀକ୍ଷା ପଡୁଥିଲା, ସେହିସବୁ ମଧ୍ୟରେ କିପରି ପ୍ରଭୁ ସେବା କରୁଥିଲି....'' (ପ୍ରେରିତ ୨୦:୧୯)

ପାଉଲ କରଡ଼ାଘାତ ହୋଇ କାରାଗାରରେ ନିକ୍ଷିପ୍ତ ହେଲେ ବିଭିନ୍ନଭାବେ ତାଡ଼ିତ ହେଲେ କିନ୍ତୁ ସେ ନିରୁତ୍ସାହିତ ହୋଇନଥିଲେ । ସେ ଈଶ୍ୱରଙ୍କ ସନ୍ତାନ, ସେ ପରିତ୍ରାଣ ପ୍ରାପ୍ତ । ପ୍ରଭୁ ତାହାଙ୍କ ଯତ୍ନ ନେବେ, ଏ ବିଶ୍ୱାସ ତାହାଙ୍କର ଥିଲା । ଶେଷରେ ସେ ପ୍ରଭୁଙ୍କ ସହିତ ସ୍ୱର୍ଗରେ ବାସ କରିବ, ଏହିସବୁ ତାହାଙ୍କର ଆନନ୍ଦର କାରଣ ଥିଲା ।

ପ୍ରତ୍ୟେକ ଖ୍ରୀଷ୍ଟିୟାନ ଅନ୍ତରରେ ଆନନ୍ଦ ଅନୁଭବ କରୁ । ଏତଦ୍ୱାରା ସେମାନେ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ ପ୍ରଚାର କରିପାରିବେ । ଆମ୍ଭମାନଙ୍କ ଅନ୍ତରରେ ଥିବା ଆନନ୍ଦ, ସେମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆକର୍ଷିତ କରିବ । (ଗୀତ ୫୧:୧୨,୧୩) ଆମ୍ଭମାନଙ୍କ ଆନ୍ତରିକ ଆନନ୍ଦ, ଆମ୍ଭମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାରେ ସାହାଯ୍ୟ କରିବ । "ପ୍ରକୃତରେ ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ଧର୍ମଜୀବନଯାପନ କରିବାକୁ ଇଚ୍ଛା କରନ୍ତି, ସେମାନେ ତାଡ଼ନା ଭୋଗ କରିବେ" ବୋଲି ପାଉଲ ତୀମଥିଙ୍କୁ ଲେଖନ୍ତି । (୨ୟ ତୀମଥି ୩:୧୨) ସମସ୍ୟାର ସମୟରେ, ଆମ୍ଭମାନଙ୍କ ଆନ୍ତରିକ ଆନନ୍ଦ ଆମ୍ଭମାନଙ୍କୁ ବଳବାନ୍ କରିବ । (ନିହିମିୟ ୮:୧୦)

ଆମ୍ଭେମାନେ କିପରି ଆନନ୍ଦ ପାଇପାରିବା ? (୧) ଖ୍ରୀଷ୍ଟ (୨) ପାପରୁ ଧୌତ (୩) ଭରସା ଆମ୍ଭମାନଙ୍କୁ ଆନନ୍ଦ ଦେଇଥାଏ ।

ଐଶ୍ୱରିକ ଆନନ୍ଦ, ଆମ୍ଭେମାନେ କେବଳ ଖ୍ରୀଷ୍ଟଙ୍କ ଠାରେ ପାଇପାରିବା । ଫିଲିପୀୟ ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ କହନ୍ତି, "ପ୍ରଭୁଙ୍କ ଠାରେ ଆନନ୍ଦ କର" (୪:୪) ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଠାରେ ଅନନ୍ତଜୀବନ ଅଛି । ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ଅଛନ୍ତି, ସେମାନେ ଖ୍ରୀଷ୍ଟଙ୍କ ଶରୀରରୂପ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଅଟନ୍ତି (ଏଫିସୀ ୧:୨୨,୨୩) ଖ୍ରୀଷ୍ଟଙ୍କ ବାକ୍ୟର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ଶରୀରରୂପ ମଣ୍ଡଳୀରେ ପ୍ରବେଶ କରିପାରୁ । ବାକ୍ୟ କହେ, "କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ । ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (ଗାଲାତୀ ୩:୨୬,୨୭) ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି, ତାହାଙ୍କ ନାମରେ ବାପ୍ତିଜିତ ହୋଇ ପାପରୁ ମୁକ୍ତ ହେଉ ଏବଂ ତାହାଙ୍କ ଦ୍ୱାରା ମଣ୍ଡଳୀରେ ସଂଯୁକ୍ତ ହେଉ । (ମାର୍କ ୧୬:୧୫,୧୬, ପ୍ରେରିତ ୨:୩୬-୪୭, ୧ମ କରିନ୍ଥୀ ୧୨:୧୩) ଏପରି ଭାବେ ପରିତ୍ରାଣ ପ୍ରାପ୍ତ ହୋଇ ଆମ୍ଭେମାନେ ଆନନ୍ଦିତ ହୋଇଥାଉ ।

ଖ୍ରୀଷ୍ଟଙ୍କ ରକ୍ତରେ ଧୌତ ହେଲେ ମନୁଷ୍ୟ ପ୍ରକୃତ ଆନନ୍ଦ ପାଇପାରିବ । ବାକ୍ୟ କହେ, ''କିନ୍ତୁ ସେ ଯେପରି ଜ୍ୟୋତି ନିର୍ବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ । ......ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ । ତେବେ ସେ ଆମ୍ଭମାନଙ୍କୁ ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।'' (୧ମ ଯୋହନ ୧:୭,୯)

ପରିତ୍ରାଣ ପ୍ରାପ୍ତ ହୋଇ ଥିବାର ଭରସା ଆମ୍ଭମାନଙ୍କ ଆନନ୍ଦର କାରଣ । ଆମ୍ଭେମାନେ ବିଶ୍ୱସ୍ତ ଜୀବନଯାପନ କଲେ ଅନନ୍ତଜୀବନରୂପ ମୁକୁଟ ପ୍ରାପ୍ତ ହେବ । ''ଈଶ୍ୱରଙ୍କ ପୁତ୍ରଙ୍କ ନାମରେ ବିଶ୍ୱାସ କରୁଅଛ ଯେ ତୁମ୍ଭେମାନେ ଯେପରି ଜାଣ ଯେ, ତୁମ୍ଭେମାନେ ଅନନ୍ତ ଜୀବନ ପାଇଅଛ, ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କୁ ପରିତ୍ରାଣପ୍ରାପ୍ତ ଖ୍ରୀଷ୍ଟିୟାନ ମାନେ ଖ୍ରୀଷ୍ଟଙ୍କ ଠାରେ ରହି, ଆନନ୍ଦମୟ ଜୀବନଯାପନ କରନ୍ତି ।

ଆପଣଙ୍କ ଜୀବନ କି ଆନନ୍ଦମୟ । ଯଦି ନୁହେଁ, ଆପଣ ଖ୍ରୀଷ୍ଟଙ୍କୁ ଜାଣିବା ଆବଶ୍ୟକ । ତାହାଙ୍କ ନିକଟକୁ ଆସିବା ଆବଶ୍ୟକ । ତାହାଙ୍କ ଠାରେ ବିଶ୍ୱାସ କର (ଯୋହନ ୮:୨୪) ପାପରୁ ମନ ପରିବର୍ତ୍ତନ କର (ଲୁକ ୧୩:୩) । ଆପଣା ବିଶ୍ୱାସ ତାହାଙ୍କ ଠାରେ ସ୍ୱୀକାର କରି ବାପ୍ତିଜିତ ହୁଅ । (ରୋମୀୟ ୧୦:୯,୧୦) ଖ୍ରୀଷ୍ଟଙ୍କୁ ଧାରଣ କର (ଗାଲାତୀ ୩:୨୭) ଆନନ୍ଦରେ ଏହି ଜଗତରେ ବାସ କର । ଏପରି ଜୀବନ ପରେ, ଆନନ୍ଦରେ ସଦାକାଳ ସଦାପ୍ରଭୁଙ୍କ ସହିତ ବାସ କରିପାରିବ ।

***- Truth for the World***

❋❋❋

# ଯୀଶୁଙ୍କୁ ଆମେ କି ପ୍ରଭୁ ରୂପେ ଗ୍ରହଣ କରିଅଛୁ ?
## (Do we really want Jesus to be our Lord ?)

ଜଗତର ଅଧିକାଂଶ ଲୋକେ ମନୁଷ୍ୟମାନଙ୍କ ଅପରାଧରୁ ମୁକ୍ତ କରିବା ପରିତ୍ରାଣକର୍ତ୍ତାର ଆବଶ୍ୟକତା ବୁଝିପାରିଅଛନ୍ତି । ଆହୁରି ଅନେକ ସଂଖ୍ୟକ ଲୋକେ ବାଇବଲର ବାକ୍ୟ ଧ୍ୟାନ ନକରି ସୁଦ୍ଧା ଯୀଶୁଙ୍କୁ ଆପଣା ତ୍ରାଣକର୍ତ୍ତାରୂପେ ଗ୍ରହଣ କରିଥାନ୍ତି । ଏହା କି ଆଶ୍ଚର୍ଯ୍ୟଜନକ ନୁହେଁ, ଯେ ଅନେକ ତାହାଙ୍କୁ ଆପଣା ପରିତ୍ରାଣକର୍ତ୍ତା ରୂପେ ଗ୍ରହଣ କରିବା ନିମନ୍ତେ ଆଗ୍ରହୀ ଅଟନ୍ତି ? କିନ୍ତୁ ସେ ଆମ୍ଭମାନଙ୍କ ଜୀବନର ପ୍ରଭୁରୂପେ ପ୍ରତିଷ୍ଠିତ ହେବାକୁ ଇଚ୍ଛା କରନ୍ତି । ସର୍ବପ୍ରଥମେ ନୂତନ ନିୟମରେ ବର୍ଣ୍ଣିତ 'ପ୍ରଭୁ''ର ଅର୍ଥ କଅଣ ବିଶ୍ଳେଷଣ କରିବା । ଗ୍ରୀସ୍ ପଦରୁ ନୂତନ ନିୟମର ଏକାଧିକ ପଦଠାରୁ ''ପ୍ରଭୁ'' ପଦ ଇଂରାଜୀ ନୂତନ ନିୟମରେ ବର୍ଣ୍ଣିତ ହେଲେ ସୁଦ୍ଧା "KURIOS" ପଦ ଅତ୍ୟଧିକ ଭାବେ ବ୍ୟବହୃତ ହୋଇଅଛି ଏହା ୬୦୦ ଅଧିକଥର ଗ୍ରୀକ୍ ନୂତନ ନିୟମରେ ପଢ଼ିଥାଉ ।

"KURIOS" ପଦ ଇଂରାଜୀରେ "SIR" ପଦ ସହ ସମଭାବାର୍ଥକ ଅଟେ । ଏହା ବେଳେବେଳେ ''ଅଧିକାରୀ'' ରୂପେ ମଧ୍ୟ ବ୍ୟବହୃତ ହୋଇଅଛି । ଏହି ପଦର ଅର୍ଥ ପ୍ରଭୁ, ଅଧିକାରୀ, କର୍ତ୍ତା, ପରିବାର ମୁଖ୍ୟ ବା "Guardian" ପ୍ରଭୃତି । ଅର୍ଥାତ୍ ''ପ୍ରଭୁ'' ଅଧିକାରୀ ଅଟନ୍ତି । ରୋମୀୟ ସାମ୍ରାଜ୍ୟରେ ଏହି ପଦ ଅଧିକଭାବେ ବ୍ୟବହୃତ ହେଉଥିଲା । Septuagint ଅର୍ଥାତ୍ (ଗ୍ରୀକ୍ ପୁରାତନ ନିୟମ) ଯିହୋବାଙ୍କୁ "KURIOS" ପଦରେ ବର୍ଣ୍ଣନା କରାଯାଏ । ନୂତନ ନିୟମରେ ଏହି ପଦ ୧୫୦ଥର ପଢ଼ିଥାଉଁ ।

''ପ୍ରଭୁ'' ଯୀଶୁଙ୍କ ନିମନ୍ତେ ସର୍ବୋତ୍ତମ ପଦବୀ । ନୂତନ ନିୟମରେ ଖ୍ରୀଷ୍ଟଙ୍କ ପୁନଃରୁଥାନ ପରେ (ଦୁଇ ଘଟଣା ବ୍ୟତୀତ) "KURIOS" ପଦ କେବଳ ପରମେଶ୍ୱର ଓ ଯୀଶୁଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ହିଁ ବର୍ଣ୍ଣିତ ହୋଇଅଛି । ଆମ୍ଭେମାନେ ଯେତେବେଳେ ଯୀଶୁଙ୍କୁ ପ୍ରଭୁ ବୋଲି କହୁ, ସେ ଆମ୍ଭମାନଙ୍କ ଅଧିକାରୀ ଓ ଆମ୍ଭମାନଙ୍କ ଜୀବନର ରକ୍ଷକ । ସେହି ପ୍ରଭୁଙ୍କ ଠାରେ ଆମ୍ଭେମାନେ ଜୀବନର, ଭାବନାର,

କାର୍ଯ୍ୟର ଅଧିପର୍ତ୍ତ୍ୟ ରହୁ । ପ୍ରଭୁଯୀଶୁ ଆମ୍ଭମାନଙ୍କ ରାଜା ଓ ଆମ୍ଭେମାନେ ତାହାଙ୍କ ପରିପାଳିତ ପ୍ରଜା ଅଟୁ । ଯୀଶୁ କି ପ୍ରକୃତରେ ଆପଣଙ୍କ ଜୀବନର ପ୍ରଭୁ ଅଟନ୍ତି ? ସେ ଆମ୍ଭମାନଙ୍କ ପ୍ରଭୁ ନହେଲେ ସେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ହୋଇ ପାରିବେ ନାହିଁ । "ପ୍ରଭୁ" ପଦ ଅତ୍ୟଧିକ ଉତ୍କୃଷ୍ଟ ପଦ । ଏ ବିଷୟରେ ପ୍ରଭୁ ନିଜେ କହନ୍ତି, "ଆଉ ତୁମ୍ଭେମାନେ କାହିଁକି ମୋତେ ପ୍ରଭୁ, ପ୍ରଭୁ ବୋଲି ସମ୍ବୋଧନ କରୁଅଛ, ମାତ୍ର ମୋହର ବାକ୍ୟ ପାଳନ କରୁନାହଁ ?" (ଲୁକ ୬:୪୬) । "ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବେ ।" (ମାଥିଉ ୭:୨) ଯୀଶୁଙ୍କୁ କେବଳ ଓଷ୍ଠ ଦ୍ୱାରା ନୁହେଁ, କିନ୍ତୁ ଆମ୍ଭମାନଙ୍କ ଜୀବନର ପ୍ରଭୁ ରୂପେ ପ୍ରତିଷ୍ଠିତ କରୁ !

ଆପଣ ଆପଣଙ୍କ ଜୀବନରେ ତାହାଙ୍କୁ ପ୍ରଭୁ ରୂପେ ଗ୍ରହଣ କରନ୍ତି । କିଅବା ନ କରନ୍ତୁ ସେ ନିଶ୍ଚିତଭାବେ ସର୍ବସୃଷ୍ଟିର ପ୍ରଭୁ ଅଟନ୍ତି । ଆସ ଆଜି ଆମ୍ଭେମାନେ ତାହାଙ୍କୁ ଆପଣା ଆପଣା ଜୀବନର ପ୍ରଭୁ ରୂପେ ଗ୍ରହଣ କରୁ । ବାକ୍ୟ କହେ, "ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ପ୍ରଦାନ କରିଅଛନ୍ତି, ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ । ପୁଣି, ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ ।" (ଫିଲିପ ୨:୯-୧୧) ସମୟ ଥାଉ ଥାଉ ତାହାଙ୍କୁ ପ୍ରଭୁ ବୋଲି ସ୍ୱୀକାର କରୁ । ନଚେତ ଦିନ ଆସିବ ଯେବେ ବଳତ୍କାର ପୂର୍ବକ ତାହାଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବାକୁ ପଡ଼ିବ । ସେତେବେଳେ ଅତି ବିଳମ୍ବ ହେବ ଏବଂ ଆପଣ ଅନନ୍ତ ଜୀବନ ହରାଇବେ !

***- Byron Nichols***

❋❋❋

**Edited & Published by : Kabita & Joshua Gootam**

# HOW THE APOSTLES DIED

1. Matthew. Suffered martyrdom in Ethiopia. Killed by a sword wound.
2. Mark died in Alexandria, Egypt, after being dragged by Horses through the streets until he was dead.
3. Luke was hanged in Greece as a result of his tremendous Preaching to the lost.
4. John faced martyrdom when he was boiled in huge Basin of boiling oil during a wave of persecution in Rome. However, he was miraculously delivered from death. John was then sentenced to the mines on the prison Island of Patmos. He wrote his prophetic Book of Revelation on Patmos. The apostle John was later freed and returned to serve As Bishop of Edessa in modern Turkey. He died as an old man, the only apostle to die peacefully.
5. Peter. He was crucified upside down on a x shaped cross. According to church tradition it was because he told his tormentors that he felt unworthy to die in the same way that Jesus Christ had died.
6. James. The leader of the church in Jerusalem, was thrown over a hundred feet down from the southeast pinnacle of the Temple when he refused to deny his faith in Christ. When they discovered that he survived the fall, his enemies beat James to death with a fuller's club.

   This was the same pinnacle where Satan had taken Jesus during the Temptation.
7. James the Son of Zebedee was a fisherman by trade when Jesus called him to a lifetime of ministry.

   As a strong leader of the church, James was beheaded at Jerusalem. The Roman officer who guarded James watched amazed as James defended his faith at his trial. Later, the officer walked beside James to the place of execution. Overcome by conviction, he declared his new faith to the judge and knelt beside James to accept beheading as a Christian.
8. Bartholomew. Also known as Nathaniel. He was a missionary to Asia. He witnessed for our Lord in present day Turkey. Bartholomew was martyred for his preaching in Armenia where he was flayed to death by a whip.
9. Andrew. He was crucified on an x-shaped cross in Patras. Greece. After being whipped severely by seven soldiers they tied his body to the cross with cords to prolong his agony.

   His followers reported that, when he was led toward the cross. Andrew saluted it in these words, "I have long desired and expected this happy hour. The cross has been consecrated by the body of Christ hanging on it". He continued to preach to his tormentors for two days until he expired.
10. Thomas. He was stabbed with a spear in India during one of his missionary trips to establish the church in the Subcontinent.
11. Jude. He was killed with arrows when he refused to deny his faith in Christ.

12. Matthias. The apostle chosen to replace the traitor Judas Iscariot. He was stoned and then beheaded.
13. Paul. He was tortured and then beheaded by the evil Emperor Nero at Rome in A.D.67. Paul endured a lengthy imprisonment, which allowed him to write his many epistles to the churches he had formed throughout the Roman Empire. These letters, which taught many of the foundational Doctrines of Christianity, form a large portion of the New Testament.

Perhaps this is a reminder to us that our sufferings here are indeed minor to compare to the intense persecution and cold cruelty faced by the apostles and disciples during their times for the sake of the faith.

And ye shall be hated of all men for my name's sake : But he that endureth to the end shall be saved.

**Printed Book Only**

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)